# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2871 CUTTACK, SATURDAY, DECEMBER 16, 2023/MARGASIRA 25, 1945**


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ବଲପୁର

ଘୋଷଣା

ତାରିଖ ୮ ଡିସେମ୍ବର ୨୦୨୩

No. 670—IA-26/2023.—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ସମ୍ବଲପୁର ଟାଉନ, ୟୁନିଟ ନମ୍ବର ୦୮, ବଡବଜାର ଥାନା ସମ୍ବଲପୁର ତହସିଲ ସଦର, ସମ୍ବଲପୁର ଜିଲ୍ଲା ସମ୍ବଲପୁରରେ ନିମ୍ନ ସୂଚୀତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସମଲେଇ ଯୋଜନା ପାଇଁ ଭୂମି ଅଧିଗ୍ରହଣ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୬୮୪ ତା ୩୧ ଅଗଷ୍ଟ ୨୦୨୩ ରିଖରେ ପ୍ରକାଶିତ ହୋଇଅଛି:

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ସମ୍ବଲପୁର ଟାଉନ ୟୁନିଟ ନମ୍ବର ୦୮ ବଡବଜାର, ଥାନା ସମ୍ବଲପୁର ତହସିଲ ସଦର, ସମ୍ବଲପୁର ଜିଲ୍ଲା ସମ୍ବଲପୁରରେ ବିସ୍ଥାପିତ ପରିବାର ଥିବାରୁ କମିଶନର ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭ (୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା । ଏହା ମଧ୍ୟ ଜିଲ୍ଲା ୱେବସାଇଟ Sambalpur.nic.in ରେ ଏବଂ ରାଜ୍ୟସରକାରଙ୍କ website www.odisha.gov.in ରେ ସର୍ବସାଧାରଣଙ୍କର ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-"କ''

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଗ୍ରାମର ନାମ-ସମ୍ବଲପୁର ଟାଉନ ୟୁନିଟ ନମ୍ବର-୮ ବଡବଜାର ତହସିଲ-ସମ୍ବଲପୁର ଥାନା-ସମ୍ବଲପୁର ଜିଲ୍ଲା-ସମ୍ବଲପୁର

| ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| ସହରାଞ୍ଚଳ | ୫୬୮ | ୧୫୩୬ | ଘରବାରି-୧ | ୦.୦୧ | ୦.୦୧ | ଜଗତରାମ ଦୁବେ, |

| (୧) | (୨) | (୩) | (୪) | (୫) | (୬) | (୭) |
|---|---|---|---|---|---|---|
| | | | | | | ଆଦିତ୍ୟରାମ ଦୁବେ, ରାମେଶ୍ୱର ପ୍ରସାଦ ଦୁବେ, ବାବୁଲାଲ ଦୁବେ, କଲ୍ୟାଣୀ ଦୁବେ, @ ମିଶ୍ର |
| | | ୧୫୩୫/ ୨୫୧୨ | ଘରବାରି–୧ | ୦.୦୧ | ୦.୦୧ | ପିତା– ରାଜାରାମ ଦୁବେ, ଜାତି– ବ୍ରାହ୍ମଣ, ବା– କମଲି ବଜାର । |
| ସହରାଞ୍ଚଳ | ୫୮୨ | ୧୫୩୭ | ଘରବାରି–୧ | ୦.୦୭ | ୦.୦୭ | ଜଗତରାମ ଦୁବେ, ଆଦିତ୍ୟରାମ ଦୁବେ, ରାମେଶ୍ୱର ପ୍ରସାଦ ଦୁବେ, ବାବୁଲାଲ ଦୁବେ, |
| | | ୧୫୪୦ | ଘରବାରି–୧ | ୦.୦୪ | ୦.୦୪ | କଲ୍ୟାଣ ଦୁବେ @ ମିଶ୍ର ପିତା–ରାଜାରାମ ଦୁବେ, ଜାତି–ବ୍ରହ୍ମଣ, ବା–କମଲି ବଜାର । |
| ସହରାଞ୍ଚଳ | ୬୧୬/୮ | ୧୫୩୯ | ଘରବାରି–୧ | ୦.୦୭ | ୦.୦୭ | ଉର୍ମିଳା ପଣ୍ଡା, ସୁକାନ୍ତି ପଣ୍ଡା, ସ୍ୱାମୀ–କୈଳାଶ ଚନ୍ଦ୍ର ପଣ୍ଡା, ରାଧାମୋହନ ପଣ୍ଡା, ରାଧାମାଧବ ପଣ୍ଡା, ରାଧାଶ୍ୟାମ ପଣ୍ଡା, ରାଧାଗୋପାଳ ପଣ୍ଡା, |
| | | ୧୫୪୩ | ଘରବାରି–୧ | ୦.୧୦ | ୦.୧୦ | ପିତା–କୈଳାଶ ଚନ୍ଦ୍ର ପଣ୍ଡା, ଜାତି–ବ୍ରହ୍ମଣ, ବା–ବାଲିବନ୍ଧା |
| | ୩ ଖତିଆନ ୬ ପ୍ଲଟ | | | ୦.୩୦ | ୦.୩୦ | ମୋଟ |

ରାଜ୍ୟପାଳଙ୍କ ଆଦେଶକ୍ରମେ
**ଅନନ୍ୟା ଦାସ**
ଜିଲ୍ଲାପାଳ, ସମ୍ବଲପୁର

ପରିଶିଷ୍ଟ

ସମଲେଇ ଯୋଜନାରେ ମିଳିବାକୁଥିବା ପୁନର୍ବାସ ଓ ଥଇଥାନର ସାରମର୍ମ

ଓଡ଼ିଶା ସରକାଙ୍କ ପୁନର୍ବାସ ଓ ଥଇଥାନ ନୀତି ଯାହା ମୁଖ୍ୟ ସଚିବ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୩୮୯୮୫ ତା ୨୩ ଡିସେମ୍ବର ୨୦୨୧ ରେ ଅନୁମୋଦିତ ହୋଇଅଛି । ସେହି ନୀତି ମୁତାବକ ସମଲେଇ ଯୋଜନାରେ ମିଳିବାକୁଥିବା ପୁନର୍ବାସ ଓ ଥଇଥାନ ସହାୟତା ରାଶି ନିମ୍ନମତେ ଦିଆଗଲା ।

୧. ମାସକୁ ୧୨.୦୦୦ ଟଙ୍କା ହିସାବରେ ଗୋଟିଏ ବର୍ଷ ପାଇଁ ମୋଟ ଟଙ୍କା ୧,୪୪,୦୦୦,/-

୨. ଏକକାଳୀନ ସ୍ଥାନାନ୍ତରଣ ସହାୟତା ରାଶି ମୋଟ ଟଙ୍କା ୧,୦୦,୦୦୦,/-

୩. ଦୋକାନ ଗୃହ ସ୍ଥାନାନ୍ତରଣ ପାଇଁ ଏକକାଳୀନ ସହାୟତା ରାଶି ମୋଟ ଟଙ୍କା ୧, ୦୦,୦୦୦,/

(ଦୁଇଟି କିସ୍ତି ମାଧ୍ୟମରେ) ।

---

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2156—173+9